# ଶ୍ରୀମତୀ ତୁଳସୀ ସ୍ୱାଇଁ

ଜନ୍ମ:(୧୯୫୬-    ) ମସିହା

ଶ୍ରୀମତୀ ତୁଳସୀ ସ୍ୱାଇଁ ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ବିଜ୍ଞାନ ଶିକ୍ଷୟତ୍ରୀ । ବିଭିନ୍ନ ପତ୍ର ପତ୍ରିକାରେ ତାଙ୍କର ଅନେକ ଗଳ୍ପ ଓ କବିତା ସ୍ଥାନ ପାଇଛି । ତାଙ୍କର ପୁସ୍ତକ -

ତାଗିଡ଼ି ତାଗିଡ଼ି ଥେଇ (ଶିଶୁ ଦଣ୍ଡନାଚ), ଅନନ୍ତର ଅନ୍ତ (ଶିଶୁ ବିଜ୍ଞାନ ନାଟକ), କାଳକ୍ରମେ (ଶିଶୁ ବିଜ୍ଞାନ ନାଟକ), ଚଲାପଥେ ବିଜ୍ଞାନ (ଶିଶୁ ବିଜ୍ଞାନ ଗୀତିନାଟିକ)

**ତାଗିଡ଼ି ତାଗିଡ଼ି ଥେଇ (ଶିଶୁ ଦଣ୍ଡନାଚ),** ପୃଷ୍ଠା-୪୨, ପ୍ରକାଶକାଳ- ୨୦୦୮,. ମୂଲ୍ୟ- ଟ.୪୦/-

ମନୋରଞ୍ଜନ ମାଧ୍ୟମରେ ଜ୍ଞାନ ଆହରଣ, ମନୁଷ୍ୟ ଜାତିର କେତେକ ସମସ୍ୟା ଓ ତାର ସମାଧାନ ବିଷୟରେ "ତାଗିଡ଼ି ତାଗିଡ଼ି ଥେଇ' ବହି ମାଧ୍ୟମରେ ଜଣେଇ ଦିଆଯାଇଛି । ହଜିଯାଉଥିବା ଉତ୍କଳୀୟ ସଂସ୍କୃତି "ଦଣ୍ଡନାଚ'କୁ ଶିଶୁମାନଙ୍କ ମାଧ୍ୟମରେ ବଞ୍ଚେଇବାର ପ୍ରୟାସ କରାଯାଇଛି ।

**ଅନନ୍ତର ଅନ୍ତ (ଶିଶୁ ବିଜ୍ଞାନ ନାଟକ),** ପୃଷ୍ଠା-୬୦, ପ୍ରକାଶକାଳ-୨୦୦୯, ମୂଲ୍ୟ- ଟ.୫୦/-

ଜ୍ୟୋତିର୍ବିଜ୍ଞାନକୁ ଅଧିକ ଶିଶୁପ୍ରିୟ କରିବାପାଇଁ ଏହାର ଗୂଢ଼ତଥ୍ୟକୁ "ଅନନ୍ତର ଅନ୍ତ' ବହିରେ ନାଟକୀୟ ରୂପ ଦିଆଯାଇଛି । ଏଥିରେ ଜ୍ୟୋତିଷ୍କଗଣ କାଳ୍ପନିକ ଜୀବନ୍ତ ଭୂମିକାରେ ଅଭିନୟ କରିଛନ୍ତି ।

**କାଳକ୍ରମେ (ଶିଶୁ ବିଜ୍ଞାନ ନାଟକ),** ପୃଷ୍ଠା-୬୦, ପ୍ରକାଶକାଳ-୨୦୧୦, ମୂଲ୍ୟ- ଟ.୫୦/-

ବିଶ୍ୱରେ ଜଳସମସ୍ୟାର କାରଣ ଓ ଏହାର ସମାଧାନର ବାଟକୁ ନାଟକ ଆକାରରେ "କାଳକ୍ରମେ' ବହିରେ ଉପସ୍ଥାପନ କରାଯାଇଛି । ଭବିଷ୍ୟତରେ ଉତ୍କଟ ଜଳ ସମସ୍ୟାର ବାସ୍ତବ ରୂପରେଖ ଜଣାଇବା ପାଇଁ ଏଲିଏନ୍ ର ଅବତାରଣା କରାଯାଇଛି ।

**ଚଲାପଥେ ବିଜ୍ଞାନ (ଶିଶୁ ବିଜ୍ଞାନ ଗୀତିନାଟିକ),** ପୃଷ୍ଠା-୬୪, ପ୍ରକାଶକାଳ-୨୦୦୫, ମୂଲ୍ୟ- ଟ.୩୭/-

ଜୀବଗ୍ରହ ପୃଥିବୀର ପରିବେଶ ଆଜି ମନୁଷ୍ୟ ଦ୍ୱାରା ବିପର୍ଯ୍ୟସ୍ତ । ଏହା କାହିଁକି, କିପରି ଓ ଏହାର ସମାଧାନର ବାଟ ବିଷୟରେ "ଚଲାପଥେ ବିଜ୍ଞାନ' ବହିରେ ଗୀତିନାଟକ ଆକାରରେ ଲେଖାଯାଇଛି । ଶିଶୁମନକୁ ଆକର୍ଷିତ କରିବାପାଇଁ ପୁରାଣ ଚରିତ୍ରମାନଙ୍କୁ ଏଥିରେ ସ୍ଥାନିତ କରାଯାଇଛି ।